# NATIONAL NEWS BULLETIN (ODIA)

**17 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପିଏମ୍ କେୟାର୍ସ ଫର୍ ଚିଲ୍ଡ୍ରେନ୍ ଯୋଜନା ଅଧୀନରେ ଛାତ୍ରବୃତ୍ତି ପାଇଁ ଆଧାର ପ୍ରମାଣିକରଣ ବାଧ୍ୟତାମୂଳକ ।

- ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଧୀନରେ ଆସନ୍ତାମାସ ୧୨ ତାରିଖରେ ପ୍ରକାଶ ପାଇବ ଚିଠା ତାଲିକା ।

- ରୁଷ୍ ଏବଂ ଇରାନ୍ ଆଇନ୍ ୨୦୨୬ ଅଧୀନରେ ଲାଗୁ ହୋଇଥିବା ଶୁଳ୍କ ଏବଂ କେତେକ ପ୍ରତିବନ୍ଧକକୁ ପ୍ରତ୍ୟାହାର କଲା ଆମେରିକା ।

- ସମାଜରୁ ଦାରିଦ୍ର୍ୟ ଦୂରୀକରଣ ଦିଗରେ ମିଳିମିଶି କାର୍ଯ୍ୟ କରିବା ଲକ୍ଷ୍ୟନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ ।

ଏବଂ

- ବେଙ୍ଗାଲୁରୁଠାରେ ଆଜି ଖେଳାଯିବ ଭାରତ-ୱେଷ୍ଟଇଣ୍ଡିଜ ଚଳିତ ପୁରୁଷ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ।

## ଆଧାର - ପିଏମ୍ କେୟାରର୍ସ ଫର ଚିଲଡ୍ରେନ୍

କେନ୍ଦ୍ର ସରକାର ପିଏମ୍ କେୟାରର୍ସ ଫର୍ ଚିଲ୍ଡ୍ରେନ୍ ଯୋଜନା ଅଧୀନରେ ଛାତ୍ରବୃତ୍ତି ସୁବିଧା ପାଇବା ପାଇଁ ଆଧାର ପ୍ରାମାଣିକରଣ କିମ୍ବା ଆଧାର ନମ୍ବର ଥିବା ପ୍ରମାଣ ଦେବାକୁ ବାଧ୍ୟତାମୂଳକ କରିଛନ୍ତି । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି । ବିଜ୍ଞପ୍ତିରେ କୁହାଯାଇଛି ଯେ, ପିଏମ୍ କେୟାର୍ସ ଫର୍ ଚିଲ୍ଡ୍ରେନ୍ ଯୋଜନା ଅଧୀନରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଜାରି ରଖିବା ପାଇଁ ଏହି ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇଥାଏ । ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ଯେ ଯଦି କୌଣସି ପିଲା ଆଧାର ପ୍ରାମାଣିକରଣ ଦେବାରେ ବିଫଳ ହୁଅନ୍ତି କିମ୍ବା ସେମାନଙ୍କର ଆଧାର ନମ୍ବର ନଥାଏ ତେବେ ସେମାନଙ୍କୁ ମଧ୍ୟ ଏହି ସହାୟତା ପ୍ରଦାନରୁ ବଞ୍ଚିତ କରାଯିବ ନାହିଁ । ଏଭଳି କ୍ଷେତ୍ରରେ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିବା ନଥିପତ୍ର ମାଧ୍ୟମରେ ପିଲାଙ୍କ ପରିଚୟ ଯାଞ୍ଚ କରାଯିବ ଏବଂ ପିତାମାତା କିମ୍ବା ଆଇନଗତ ଅଭିଭାବକଙ୍କ ସହ ସମ୍ପର୍କ ସ୍ଥାପନା କରାଯିବା ପରେ ସମସ୍ତ ସୁବିଧା ପିଲାକୁ ପ୍ରଦାନ କରାଯିବ ।

## ଇସିଆଇ ଏସ୍ଏସ୍ଆର୍ ଅପଡେଟ୍

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅଧୀନରେ ଚିଠା ତାଲିକା ଆସନ୍ତାମାସ ୧୨ ତାରିଖରେ ପ୍ରକାଶ ପାଇବ । ନିର୍ବାଚନ କମିଶନ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଆସନ୍ତା ଜାନୁଆରୀ ୪ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । କମିଶନଙ୍କ ପକ୍ଷରୁ କୁହାଯାଇଛି ଆସନ୍ତାମାସ ୧୨ ତାରିଖରୁ ଡିସେମ୍ବର ୧୧ ତାରିଖ ମଧ୍ୟରେ ଭୋଟରତାଲିକା ସଂଶୋଧନ ନେଇ ପ୍ରଭାବିତ ବ୍ୟକ୍ତିବିଶେଷ ସେମାନଙ୍କର ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଆସନ୍ତାବର୍ଷ ଏପ୍ରିଲ ପହିଲା, ଜୁଲାଇ ପହିଲା ଏବଂ ଅକ୍ଟୋବର ପହିଲାକୁ ୧୮ବର୍ଷ ପୂରଣ କରୁଥିବା ଯୁବ ନାଗରିକ ଭୋଟର ତାଲିକାରେ ପଞ୍ଜିକରଣ ପାଇଁ ଆଗୁଆ ଆବେଦନ କରିପାରିବେ । ଏଥିପାଇଁ ସହଯୋଗ ପ୍ରଦାନ କରିବାକୁ ଜିଲ୍ଲାସ୍ତରରେ ସହାୟତା କେନ୍ଦ୍ରମାନ ସ୍ଥାପନ କରାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି । ଇତିମଧ୍ୟରେ ୧୪ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଜାନୁଆରୀ ପହିଲାକୁ ଯୋଗ୍ୟତା ତାରିଖ ଭାବେ ବିବେଚନା କରାଯାଇ ଏହି ତାଲିକା ପ୍ରସ୍ତୁତ କରାଯିବ ବୋଲି କମିଶନ ସୂଚନା ଦେଇଛନ୍ତି ।

# ମହୁଆ - ପି.ଏମ୍.ଏ.ୱାଇ. ୨୦

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଟୁ ପଏଣ୍ଟ ଓ’ ଅଧୀନରେ ୧ ଲକ୍ଷ ୯୩ ହଜାରରୁ ଊର୍ଦ୍ଧ୍ୱ ଅତିରିକ୍ତ ଆବାସ ମଞ୍ଜୁର ହୋଇଛି । ଏହାଦ୍ୱାରା ଅନୁମୋଦିତ ସମୁଦାୟ ଆବାସ ସଂଖ୍ୟା ପି.ଏମ୍.ଏ.ୱାଇ. ଯୋଜନାରେ ୨୦ ଲକ୍ଷ ଅତିକ୍ରମ କରିଛି । ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା କରାଯାଇଛି । ନୂଆଦିଲ୍ଲୀରେ ସହରାଞ୍ଚଳ ବିକାଶ ସଚିବ ସତେନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ ଅନୁମୋଦନ ଏବଂ ଅନୁଧ୍ୟାନ କମିଟିର ଦଶମ ବୈଠକ ପରେ ଏହି ଘୋଷଣା କରାଯାଇଛି । ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଗୁଜରାଟ, କର୍ଣ୍ଣାଟକ, ମିଜୋରାମ, ଓଡ଼ିଶା, ସିକ୍କିମ୍, ତେଲଙ୍ଗାନା, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ପି.ଏମ୍.ଏ.ୱାଇ. ସହରାଞ୍ଚଳ ଟୁ ପଏଣ୍ଟ ଓ’ ସହ ଗୃହ ନିର୍ମାଣ ବିଭାଗର ଭାଗିଦାରିତା ମାଧ୍ୟମରେ ପଦକ୍ଷେପ ନିଆଯାଇଛି । ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ସହରାଞ୍ଚଳ ପରିବାରଗୁଡ଼ିକୁ ଏହି ଗୃହ ଯୋଗାଇ ଦିଆଯାଇଥାଏ । ବୈଠକରେ ସଚିବ ଶ୍ରୀ ସିଂହ’ ମନ୍ତ୍ରଣାଳୟ, ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନର ସହଯୋଗକ୍ରମେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି ।

## ଶାହା-ଏବିଭିପି କଂଗ୍ରେସ

ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା ଓଡ଼ିଶା ଛାତ୍ରସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବିଭିପିର ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି ପଞ୍ଜାବ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟରେ ଏବିଭିପିର ବିଜୟ ଦେଶର ଯୁବଶକ୍ତି ରାଷ୍ଟ୍ର ପ୍ରଥମ ଆଦର୍ଶ ସହ ଦୃଢ଼ଭାବରେ ଛିଡା ହୋଇଛି । ସେ ଆହୁରି ମଧ୍ୟ କହିଛନ୍ତି ଏହି ବିଜୟ ହେଉଛି ଦେଶବିରୋଧୀ ଶକ୍ତିମାନଙ୍କୁ ଯୁବପିଢ଼ିଙ୍କ ପକ୍ଷରୁ ଦୃଢ଼ ପ୍ରତ୍ୟୁତ୍ତର ।

## ଟ୍ରମ୍ପ-ଓ୍ୱେଭ୍ସ ସାଙ୍କସନ୍ସ

ରୁଷ୍ ଏବଂ ଇରାନ୍ ଆଇନ୍ -୨୦୨୬ ଅଧୀନରେ ଲାଗୁ ହୋଇଥିବା ଶୁଳ୍କ ଏବଂ କେତେକ ପ୍ରତିବନ୍ଧକକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାହାର କରିଛନ୍ତି । ଭାରତ ଏବଂ ଚୀନ୍ ରୁଷ୍‌ରୁ ତୈଳ ଓ ଗ୍ୟାସ୍ କ୍ରୟ କ୍ଷେତ୍ରରେ ଶୁଳ୍କ ଛାଡର ସୁବିଧା ପାଇବେ । ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ଛାଡ କରାଯାଇଥିବା ଶ୍ରୀ ଟ୍ରମ୍ପ ତାଙ୍କ ଆଦେଶାନାମାରେ ଉଲ୍ଲେଖ କରିଛନ୍ତି । ଏହି ଆଇନ୍ ଅଧୀନରେ ପୂର୍ବରୁ

ରହିଥିବା ଶୁଳ୍କ ବ୍ୟବସ୍ଥା ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବାର ଥିଲା । ସଂଶୋଧିତ ପୂର୍ବ ଶୁଳ୍କ ବ୍ୟବସ୍ଥା ଅନୁଯାୟୀ ରୁଷ୍‌ରୁ ଉତ୍ପାଦିତ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ୫ଟି ସବୁଠାରୁ ବଡ କ୍ରେତାଙ୍କଠାରୁ ଯୁକ୍ତରାଷ୍ଟ୍ର ଆମେରିକା ଶତପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲାଗୁ କରିଥିଲା ।

## ଇଣ୍ଟରନ୍ୟାସନାଲ ପଭଟି ଇରାଡିକେଶନ ଡେ

ସମାଜରୁ ଦାରିଦ୍ର୍ୟ ଦୂରୀକରଣ ଦିଗରେ ସମସ୍ତଙ୍କୁ ସାମିଲ କରବା ଏବଂ ମିଳିମିଶି କାର୍ଯ୍ୟ କରିବାର ଲକ୍ଷ୍ୟନେଇ ଆଜି ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଉଛି । ୧୯୯୨ ମସିହା ଡିସେମ୍ବର ୨୨ ତାରିଖରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଅକ୍ଟୋବର ୧୭ ତାରିଖକୁ ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୧୯୮୭ ମସିହା ଅକ୍ଟୋବର ୧୭ ତାରିଖରେ ପ୍ୟାରିସ୍‌ର ଟୋକାଡେଓଠାରେ ୧ଲକ୍ଷରୁ ଅଧିକ ଲୋକ ଏକତ୍ରିତ ହୋଇ ଦାରିଦ୍ର୍ୟ, ହିଂସା ଏବଂ କ୍ଷୁଧା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଦାରିଦ୍ର୍ୟତା ଭିତରେ ରହୁଥିବା ଲୋକଙ୍କୁ ସମ୍ମାନ ଜଣାଇବା ଲକ୍ଷ୍ୟନେଇ ୧୯୪୮ ମସିହାରେ ମାନବିକ ଅଧିକାର ସମ୍ମିଳିତ ଘୋଷଣାପତ୍ରକୁ କାର୍ଯ୍ୟକାରୀ କରିବା ନେଇ ଏକ ଚୁକ୍ତି ଏହି ଅବସରରେ ସ୍ୱାକ୍ଷରିତ ହୋଇଥିଲା । ଦାରିଦ୍ର୍ୟ ହେଉଛି ମାନବାଧିକାରର ଉଲ୍ଲଙ୍ଘନ

ବୋଲି ଏହି ଘୋଷଣାପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦିବସକୁ ସ୍ମରଣ କରି ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖରେ ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳିତ ହୋଇଆସୁଛି ।

## ସେବାସଂକଳ୍ପ-ସ୍ୱାମୀତ୍ୱ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ସ୍ୱାମୀତ୍ୱ ଯୋଜନା ଅଧୀନରେ ଗ୍ରାମାଞ୍ଚଳରେ ସମ୍ପତ୍ତି ମାଲିକାନା ସମ୍ପର୍କିତ ଆଇନ୍‌ଗତ ବ୍ୟବସ୍ଥା ସମ୍ପର୍କରେ' ସୂଚନା ପ୍ରଦାନ କରୁଛୁ ।

ଗ୍ରାମାଞ୍ଚଳରେ ସମ୍ପତ୍ତି ମାଲିକଙ୍କୁ ଜମି ଅଧିକାର ରେକର୍ଡ ପ୍ରଦାନ କରିବା ନେଇ ସ୍ୱାମୀତ୍ୱ ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଦେଶର ଅର୍ଥନୈତିକ କ୍ଷେତ୍ରରେ ସଂସ୍କାରମୂଳକ ପରିବର୍ତ୍ତନକୁ ଏହି ଯୋଜନା ସହଯୋଗ ପ୍ରଦାନ କରିଆସୁଛି । ୨୦୨୦ ଏପ୍ରିଲ ୨୪ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିଥିଲେ । ଡ୍ରୋନ୍ ଆଧାରିତ ଜମି ଚିହ୍ନଟ ତଥା

ସମ୍ପତ୍ତି କାର୍ଡ ପ୍ରଦାନ ମାଧ୍ୟମରେ ଗ୍ରାମାଞ୍ଚଳ ଲୋକଙ୍କୁ ଆଇନ୍‌ଗତ ଅଧିକାର ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

**V/O**

ଭାରତୀୟ ସର୍ବେକ୍ଷଣ ଓ ରାଜ୍ୟର ରାଜସ୍ୱ ବିଭାଗ ସହ ସମ୍ମିଳିତ ଉଦ୍ୟମ ମାଧ୍ୟମରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏହି ଯୋଜନାକୁ ଦେଶବ୍ୟାପୀ କାର୍ଯ୍ୟକାରୀ କରିଛି । ଗତ ଅଗଷ୍ଟ ମାସ ସୁଦ୍ଧା ସମଗ୍ର ଦେଶରେ ୩ଲକ୍ଷ ୩୦ହଜାର  ଗ୍ରାମର ସର୍ଭେ ଶେଷ ହୋଇଥିଲା । ୧ଲକ୍ଷ ୯୭ହଜାର ଗ୍ରାମ ପାଇଁ ୩ କୋଟି ୨୪ଲକ୍ଷ ସମ୍ପତ୍ତି କାର୍ଡ ପ୍ରସ୍ତୁତ କରାଯାଇଥିବାବେଳେ ଇତିମଧ୍ୟରେ ୨ କୋଟି ୭୨ଲକ୍ଷ ମାଲିକଙ୍କୁ କାର୍ଡ ବର୍ଣ୍ଟନ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ଗତ ଅଗଷ୍ଟ ସୁଦ୍ଧା ସମ୍ପତ୍ତିକାର୍ଡ ମାଧ୍ୟମରେ ୧ହଜାର ୭୧୩ କୋଟି ଟଙ୍କାର ୧୧ହଜାର ୧୪୭ଟି ଋଣ ପ୍ରଦାନ କରାଯାଇଥିବା ଜଣାପଡିଛି । ପଞ୍ଜାବରେ ଚଳିତମାସ ଶେଷସୁଦ୍ଧା ୨ହଜାର ୩୦୦ ଗ୍ରାମର ୪ଲକ୍ଷ ଗ୍ରାମବାସୀଙ୍କୁ ସମ୍ପତ୍ତି କାର୍ଡ ପ୍ରଦାନ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

# କ୍ରିକେଟ୍

ଭାରତ - ୱେଷ୍ଟଇଣ୍ଡିଜ ଚଳିତ ପୁରୁଷ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ । ବେଙ୍ଗାଲୁରର

ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ସଂଧ୍ୟା ୭ଟାରେ ଆରମ୍ଭ ହେବ । ସିରିଜ୍‌ରେ ଉଭୟ ଦଳ ଦୁଇଟିଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ତରରେ ରହିଛନ୍ତି । ଶ୍ରେୟସ ଆୟାରଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ଦଳରେ ଆଜିର ମ୍ୟାଚ୍ ପାଇଁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବାବେଳେ ଭୁବନେଶ୍ୱର କୁମାରଙ୍କୁ ସାମିଲ କରାଯାଇଛି ।